# NATIONAL NEWS BULLETIN (ODIA)

## 9 May - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନଙ୍କ ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ କରୁଛନ୍ତି ।
- ଦେଶର  ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ଥିଲା ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ।

– ଆସନ୍ତା ୨୫ରେ ହେବ ମତଦାନ ।

- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ ।
- ଝାଡ଼ଖଣ୍ଡରେ ଉପଲବ୍ଧ ଖଣିଜ ସମ୍ପଳର ସୁବିନିଯୋଗ କରାଯାଇ ପାରିଲେ ଆଗାମୀ ଦିନରେ ଏହା ଏକ ଉତ୍ପାଦନ ହବ୍‌ରେ ପରିଣତ ହୋଇପାରିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ପଞ୍ଜାବ କିଙ୍ଗସ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି ।

## ପ୍ରେଜ୍-ପଦ୍ମଆଓ୍ୱାର୍ଡ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ କରୁଛନ୍ତି ।

ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ପୁରସ୍କାର ପଦ୍ମ ବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ଭଳି ତିନୋଟି ବର୍ଗରେ ପ୍ରଦାନ କରାଯାଏ । କଳା, ସାମାଜିକ କାର୍ଯ୍ୟ, ବିଜ୍ଞାନ ଓ ଇଞ୍ଜିନିୟରିଂ, ବାଣିଜ୍ୟ ଓ ଉଦ୍ୟୋଗ, ଔଷଧ, ସାହିତ୍ୟ ଓ ଶିକ୍ଷା, କ୍ରୀଡ଼ା ଓ ପ୍ରଶାସନିକ ସେବା ସମେତ ବିଭିନ୍ନ ବିଭାଗ ଓ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଏହି ପୁରସ୍କାର ଘୋଷଣା କରାଯାଏ । ରାଷ୍ଟ୍ରପତି ଗତ ମାସ ୨୨ ତାରିଖରେ ୩ଟି ପଦ୍ମବିଭୂଷଣ, ୮ଟି ପଦ୍ମଭୂଷଣ ଏବଂ ୫୫ଟି ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ ।

# ଏଲଏସ୍ ପୋଲ୍- ୬ ଫେଜ୍

ଦେଶର ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ। ଆସନ୍ତା ୨୫ ତାରିଖରେ ଏହି ପର୍ଯ୍ୟାୟରେ ୬ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୫୮ଟି ସଂସଦୀୟ ଆସନ ପାଇଁ ମତଦାନ ହେବ। ଦିଲ୍ଲୀର ସମସ୍ତ ୭ଟି ଆସନ, ହରିୟାଣାର ସମସ୍ତ ୧୦ଟି ଆସନ, ଉତ୍ତରପ୍ରଦେଶର ୧୪ଟି, ବିହାର ଓ ପଶ୍ଚିମବଙ୍ଗର ୮ଟି ଲେଖାଏଁ, ଓଡ଼ିଶାର ୬ଟି, ଝାଡ଼ଖଣ୍ଡର ୪ଟି ଏବଂ ଜାମ୍ମୁ-କାଶ୍ମୀର ଗୋଟିଏ ଆସନରେ ମତଦାନ ହେବ। ଆସନ୍ତା ମାସ ୪ ତାରିଖରେ ସମସ୍ତ ପର୍ଯ୍ୟାୟର ଭୋଟ ଗଣତି କରାଯିବ ।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ। ସେ ଭୁବନେଶ୍ୱରଠାରେ ରୋଡ଼ ଶୋ' କାର୍ଯ୍ୟକ୍ରମରେ ଯୋଗଦେବେ। ଶ୍ରୀ ମୋଦୀଙ୍କ ରୋଡ୍ ଶୋ' ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାଣୀବିହାର ପର୍ଯ୍ୟନ୍ତ ହେବ । ଏଥିଲାଗି କମିଶନରେଟ୍ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

ପ୍ରଧାନମନ୍ତ୍ରୀ ତା'ପରଦିନ କନ୍ଧମାଳ, ବରଗଡ଼ ଓ ବଲାଙ୍ଗିର ଗସ୍ତ କରି ନିର୍ବାଚନୀ ସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସବୁ ସ୍ଥାନରେ ନୋ ଫ୍ଲାଇଙ୍ଗ୍ ଜୋନ୍ ଘୋଷଣା କରାଯାଇଛି ।

## ଜେକେ-ଇସିଆଇ

ଆସନ୍ତା ୧୩ ତାରିଖ ଦିନ ଚତୁର୍ଥ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଜାମ୍ମୁ କାଶ୍ମୀରର ଶ୍ରୀନଗର ଲୋକସଭା ଆସନ ଲାଗି ମତଦାନ ହେବ । ଏଥିଲାଗି ଭାରତର ନିର୍ବାଚନ ଆୟୋଗ ଜାମ୍ମୁ କାଶ୍ମୀରରେ ୨୩ଟି ମତଦାନ କେନ୍ଦ୍ର ସ୍ଥାପନ କରିଛନ୍ତି । ସେଥିମଧ୍ୟରେ ଦୁଇଟି **Auxillary** ବୁଥ୍ ବା ଅତିରିକ୍ତ ମତଦାନ କେନ୍ଦ୍ର ଅନ୍ତର୍ଭୁକ୍ତ । ପ୍ରବାସୀ କାଶ୍ମୀର ପଣ୍ଡିତଙ୍କ ଲାଗି ସ୍ଥାନୀୟ ପ୍ରଶାସନ ଦ୍ୱାରା ଏହି ଦୁଇଟି ବୁଥ୍ ସ୍ଥାପନ କରାଯାଇଛି ।

ଆମର ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ଯେଉଁ ସ୍ଥାନରେ ୧୫୦୦ରୁ ଅଧିକ ଯୋଗ୍ୟ ମତଦାତା ବସବାସ କରୁଥିବେ ସେହିଭଳି ସ୍ଥାନରେ **Auxillary** ବୁଥ୍ ସ୍ଥାପନ ଲାଗି ନିର୍ବାଚନ ଆୟୋଗଙ୍କର ନିର୍ଦ୍ଦେଶ ରହିଛି । ତଦନୁଯାୟୀ ଅନୁରୂପ ଦୁଇଟି କେନ୍ଦ୍ର ସ୍ଥାପନ କରାଯାଇଛି । ଶ୍ରୀନଗର ଲୋକସଭା ନିର୍ବାଚନ ମଣ୍ଡଳୀରେ ୧୩ହଜାରରୁ ଊର୍ଦ୍ଧ୍ୱ କାଶ୍ମୀର ପଣ୍ଡିତ ଭୋଟର ତାଲିକାରେ ପଞ୍ଜିକୃତ ହୋଇଛନ୍ତି ।

ଦେଶ ବାହାରେ ରହୁଥିବା କାଶ୍ମୀର ପଣ୍ଡିତମାନେ ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିବା ଲାଗି ଇତିମଧ୍ୟରେ  ୪୭୩ଟି ପୋଷ୍ଟାଲ୍

ବ୍ୟାଲଟ୍ ମାଧ୍ୟମରେ ଶ୍ରୀନଗରର ରିଟର୍ଣ୍ଣିଂ ଅଫିସରଙ୍କ ନିକଟକୁ ନିଜର ଭୋଟ ପଠାଇ ସାରିଛନ୍ତି । ଏହି ଲୋକସଭା ଆସନ ଲାଗି ମୁଖ୍ୟତଃ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ନ୍ୟାସନାଲ୍ କନ୍‌ଫରେନ୍ସ ପକ୍ଷରୁ ଆଗା ରୁହୁଲ୍ଲା ମେହେଦି ଏହି ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି ଓ୍ୱାହିଦ୍-ଉର୍-ରହେମାନ ପାରାଙ୍କୁ ଏଥିଲାଗି ଟିକଟ ଦେଇଛି । ସେହିଭଳି ମହମ୍ମଦ ଆସ୍ରଫ୍ ମିର୍ ଆପ୍‌ନି ପାର୍ଟି ପକ୍ଷରୁ ଏହି ଆସନରେ ପ୍ରାର୍ଥୀ ହୋଇଛନ୍ତି ।

## ୟୁପି ପୋଲ କ୍ୟାମ୍ପେନିଂ

ଉତ୍ତରପ୍ରଦେଶରେ ଲୋକସଭା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଜୋରଦାର ହୋଇଛି । ବିଜେପିର ବରିଷ୍ଠ ନେତା ତଥା ଦଳର ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଆଜି ଉତ୍ତରପ୍ରଦେଶର ଚିତ୍ରକୂଟ ଠାରେ ଆୟୋଜିତ ଏକ ନିର୍ବାଚନ ର୍‍ୟାଲିରେ ଉଦ୍‌ବୋଧନ ଦେଇ ଏହି ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୃତୀୟଥର ଲାଗି କ୍ଷମତାସୀନ କରିବାକୁ ନିବେଦନ କରିଛନ୍ତି । ପରେ ଶ୍ରୀ ଶାହା ଫତେପୁର ଠାରେ ଅନ୍ୟ ଏକ ନିର୍ବାଚନୀ ର୍‍ୟାଲିରେ ଉଦ୍‌ବୋଧନ ଦେବା ପରେ ସନ୍ଧ୍ୟାରେ ଲକ୍ଷ୍ନୌ ଠାରେ ଦଳର ବରିଷ୍ଠ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ଲକ୍ଷ୍ନୌ, ଉନାଓ, ମୋହନଲାଲ ଗଞ୍ଜ ଓ ରାୟବରେଲି ଲୋକସଭା ଆସନ ଏବଂ ଏହା ଅଧୀନରେ

ଆସୁଥିବା ବିଧାନସଭା ଓ ବିଧାନ ପରିଷଦ ନିର୍ବାଚନ ମଣ୍ଡଳୀରେ ଆଗାମୀ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ଦଳର ରଣନୀତି ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏକ ଦଳୀୟ ବୈଠକରେ ଅଧ୍ୟକ୍ଷତା କରିବେ ।

ଅନ୍ୟ ପକ୍ଷରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଆଜି ବରାହିଚ୍ ଆୟୋଜିତ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ଦେଶର କୃଷକ ଓ ଯୁବବର୍ଗଙ୍କ ବିରୁଦ୍ଧରେ ବିଜେପି କାର୍ଯ୍ୟ କରୁଛି ବୋଲି ଅଭିଯୋଗ କରିଛନ୍ତି । ଏହାଛଡ଼ା ସେ ଧୌରାହାରା ଓ ଲକ୍ଷିମ୍‌ପୁରଖିରି ନିର୍ବାଚନ ମଣ୍ଡଳୀରେ ମଧ୍ୟ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି । ସେହିଭଳି କଂଗ୍ରେସର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧି ଭଦ୍ରା ଆଜି ରାୟବରେଲି ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିଛନ୍ତି । ବହୁଜନ ସମାଜପାର୍ଟିର ମୁଖ୍ୟ ମାୟାବତୀ ଆଜି କନ୍ନୌଜ ଜିଲ୍ଲାରେ ଏକ ନିର୍ବାଚନୀ ର୍‍ୟାଲିକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

## ତେଲଙ୍ଗାନା

ଦେଶର କେତେକ ପ୍ରମୁଖ ଲୋକସଭା ଆସନ ମଧ୍ୟରେ ତେଲଙ୍ଗାନାର ସିକନ୍ଦରାବାଦ ସଂସଦୀୟ ଆସନ ଅନ୍ୟତମ । ଏହା ତେଲଙ୍ଗାନାର ସର୍ବବୃହତ ଲୋକସଭା ନିର୍ବାଚନ ମଣ୍ଡଳୀ । ଏହି ସଂସଦୀୟ ଆସନ ଲାଗି ୪୫ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ

ହୋଇଛନ୍ତି । ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି, ସେଠାରେ ସର୍ବାଧିକ ସଂଖ୍ୟକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦୃଷ୍ଟିରୁ ଦେଶ ବ୍ୟାପି ସମସ୍ତଙ୍କର ନଜର ଏହି ଆସନ ଉପରେ ରହିଛି । ସେଠାରେ ମୁଖ୍ୟତଃ ବିଜେପି, ବିଆର୍‌ଏସ୍ ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବାର ଆଶା କରାଯାଉଛି ।

ବିଜେପି ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ତଥା ରାଜ୍ୟ ସଭାପତି ଜି. କିଶନ୍ ରେଡ୍ଡୀ ଏହି ଆସନ ଲାଗି ପ୍ରାର୍ଥୀ ହୋଇଥିବା ବେଳେ ରାଜ୍ୟର ପୂର୍ବତନ ମନ୍ତ୍ରୀ ଦାନମ ନଗେନ୍ଦର କଂଗ୍ରେସରୁ ଏବଂ ରାଜ୍ୟ ବିଧାନସଭାର ପୂର୍ବତନ ଉପବାଚସ୍ପତି ପଦ୍ମାରାଓ ଗୌଡ଼ ବିଆର୍‌ଏସ୍‌ରୁ ଏହି ଆସନ ଲାଗି ଟିକଟ ପାଇଛନ୍ତି । ଏହାଛଡ଼ା ବି.ଏସ୍.ପି. ସମେତ ଅନ୍ୟାନ୍ୟ ରାଜନୈତିକ ଦଳ ଓ ସ୍ୱାଧୀନ ଭାବେ ୪୨ ଜଣ ପ୍ରାର୍ଥୀ ଏହି ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୨୧ ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ଏହି ପ୍ରାର୍ଥୀମାନଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ୨୦୧୪ରେ ତେଲଙ୍ଗାନା ରାଜ୍ୟ ପ୍ରତିଷ୍ଠା ହେବା ପରଠାରୁ ବିଜେପି କ୍ରମାଗତ ଦ୍ୱିତୀୟଥର ଲାଗି ବହୁମତରେ ଏହି ସଂସଦୀୟ ଆସନରୁ ବିଜୟୀ ହୋଇଛି ।

ବିଜେପି, କଂଗ୍ରେସ ଓ ବିଆର୍‌ଏସ୍ ପକ୍ଷରୁ ଏଥିଲାଗି ପ୍ରଚାର କାର୍ଯ୍ୟ ଜୋର୍‌ଦାର୍ କରାଯାଇଛି । ବିଭିନ୍ନ ଦଳର ଷ୍ଟାର୍ ପ୍ରଚାରକ ମାନେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ରୋଡ୍ ଶୋ', ନିର୍ବାଚନୀ ର୍‍ୟାଲି, ଜନସମାବେଶ

କରିବା ସହ ଘରକୁ ଘର ବୁଲି ମଧ୍ୟ ପ୍ରଚାର କରୁଛନ୍ତି । ଆସନ୍ତାକାଲି ସିକନ୍ଦରାବାଦ୍ ଓ ହାଇଦ୍ରାବାଦ୍ ଉଭୟ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପି ପ୍ରାର୍ଥୀଙ୍କ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି ।

## ଝାଡ଼ଖଣ୍ଡ-ନିର୍ମଳା

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦିନିକିଆ ଝାଡ଼ଖଣ୍ଡ ଗସ୍ତରେ ଯାଇ ସେଠାରେ ଦେଶର ପୂର୍ବାଞ୍ଚଳର ଶିଳ୍ପ ଗୋଷ୍ଠୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇଛନ୍ତି । ଏହି ସମ୍ମିଳନୀରେ ବିକଶିତ ଭାରତ ଗଠନ ଦିଗରେ ପୂର୍ବାଞ୍ଚଳର ଅଭିବୃଦ୍ଧି ସମ୍ପର୍କିତ  ଏକ କର୍ମଶାଳାରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ସୀତାରମଣ କହିଛନ୍ତି, ଝାଡ଼ଖଣ୍ଡରେ ପ୍ରଚୁର ଖଣିଜସମ୍ପଲ ଉପଲବ୍ଧ ରହିଛି । ଏହାର ସୁବିନିଯୋଗ କରାଯାଇ ପାରିଲେ ଆଗାମୀ ଦିନରେ ଏହି ରାଜ୍ୟ ଏକ ଉତ୍ପାଦନ ହବ୍‌ରେ ପରିଣତ ହୋଇପାରିବ ବୋଲି ସେ କହିଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଗତ କିଛି ବର୍ଷ ଧରି ଅସ୍ଥିର ସରକାର କ୍ଷମତାରେ ରହିଥିବାରୁ ଝାଡ଼ଖଣ୍ଡର ବିକାଶ ଏବଂ ଅଭିବୃଦ୍ଧିହାର ଆଶାନୁରୂପ ହୋଇପାରି ନାହିଁ । ତେବେ କେନ୍ଦ୍ରର ଏନ୍‌ଡିଏ ସରକାର ରାଜ୍ୟର ଅର୍ଥନୈତିକ ବିକାଶ ସହ ସେଠାରେ ବ୍ୟାପକ ନିଯୁକ୍ତି

ସୁଯୋଗ ସୃଷ୍ଟି କରିବା ଲାଗି ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି କାର୍ଯ୍ୟକାରି କରିଛନ୍ତି ।

ଏହି ସମାରୋହରେ ବିଜେପିର ରାଜ୍ୟ ସଭାପତି ତଥା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ବାବୁଲାଲ ମାରାଣ୍ଡି କହିଛନ୍ତି, ତାଙ୍କ ଦଳ ଯଦି ରାଜ୍ୟରେ କ୍ଷମତାକୁ ଆସେ ତେବେ ଝାଡ଼ଖଣ୍ଡର ସର୍ବାଙ୍ଗୀନ ଉନ୍ନତି କରିବା ସହ ଏକ ଭୟ ତଥା ନକ୍ସଲ ମୁକ୍ତ ପରିବେଶ ସୃଷ୍ଟି କରିବା ଦିଗରେ ବିଜେପି ପ୍ରତିଶ୍ରୁତିବଦ୍ଧ ।

## ଶିବକାଶୀ-ଫାୟାର୍ ଏକ୍ସପ୍ଲୋଜର୍

ତାମିଲନାଡୁର ଶିବକାଶୀରେ ଥିବା ଏକ ବାଣ କାରଖାନାରେ ଆଜି ଏକ ବଡ଼ ଧରଣର ବିସ୍ଫୋରଣ ଘଟିଛି । ଏହି ବିସ୍ଫୋରଣରେ ୫ ଜଣ ମହିଳାଙ୍କ ସମେତ ୮ ଜଣ ଶ୍ରମିକଙ୍କର ପ୍ରାଣହାନୀ ଘଟିଛି । ଏହାଛଡ଼ା ଆଉ ୧୨ ଜଣ ଗୁରୁତର ଭାବେ ଆହତ ହୋଇଥିବାର ଜଣାପଡ଼ିଛି । ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି ବୋଲି ସ୍ଥାନୀୟ ପ୍ରଶାସନ କହିଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏ ନେଇ ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏକ ଶୋକବାର୍ତ୍ତା ଦେଇ ରାଷ୍ଟ୍ରପତି ଏହି

ଦୁର୍ଘଟଣାରେ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହିତ ଆହତମାନଙ୍କର ଆଶୁ ଆରୋଗ୍ୟକାମନା କରିଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ହିମାଚଳ ପ୍ରଦେଶର ଧର୍ମଶାଳା ଠାରେ ପଞ୍ଜାବ କିଙ୍ଗସ୍ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଆଉ କିଛି ସମୟ ପରେ ମୁକାବିଲା ହେବ । ପଞ୍ଜାବ କିଙ୍ଗସ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି ।

ଉଭୟ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗସ୍ ୧୧ଟି ମ୍ୟାଚ୍‌ରୁ ୪ଟି ଲେଖାଏଁରେ ବିଜୟୀ ହୋଇ ୮ ପଏଣ୍ଟ ପାଇଛନ୍ତି । ତେବେ ଅଧିକ ରନ୍ ହାର ଯୋଗୁଁ ବେଙ୍ଗାଲୁରୁ ପଏଣ୍ଟ ତାଲିକାର ସପ୍ତମ ସ୍ଥାନରେ ଥିବା ବେଳେ ପଞ୍ଜାବ ଅଷ୍ଟମ ସ୍ଥାନରେ ରହିଛି ।